# କନ୍ଧମାଳ ଜିଲ୍ଲାର ସାଂପ୍ରଦାୟିକ/ ଜାତିଆଣ ଗଣ୍ଡଗୋଳରେ ପୀଡିତ ବ୍ୟକ୍ତିମାନଙ୍କୁ ସହାୟତା ଓ ଥଇଥାନ ବାବଦକୁ ପ୍ରାପ୍ୟସମୂହ

## ଡିସେମ୍ବର ୨୦୦୭ / ଜାନୁଆରି ୨୦୦୮

୧. ମୃତକଙ୍କର ଘନିଷ୍ଠ ଆତ୍ମୀୟଙ୍କୁ ସହାୟତା ଜଣପିଛା ୧ଲକ୍ଷ ଟଙ୍କା

୨. ଯେତେ ଦିନ ଆବଶ୍ୟକ, ସେତେ ଦିନ ପାଇଁ ପୀଡିତଙ୍କ ପାଇଁ ରିଲିଫ୍ ଶିବିର ବ୍ୟବସ୍ଥା, ଏବଂ ସେଥିରେ ଖାଦ୍ୟ, ପରିଧାନ, ତମ୍ବୁ, ଓ ଆଲୋକ ଇତ୍ୟାଦିର ସୁବିଧା

୩. ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ବାସଗୃହ ପାଇଁ ନିର୍ମାଣ ସହାୟତା ଗୃହ ପିଛା ୫୦ ହଜାର ଟଙ୍କା ଏବଂ ଆଂଶିକ ଭାବେ କ୍ଷତିଗ୍ରସ୍ତ ବାସଗୃହ ପାଇଁ ନିର୍ମାଣ ସହାୟତା ଗୃହ ପିଛା ୨୦ ହଜାର ଟଙ୍କା

୪. ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ପ୍ରସ୍ତୁତ କ୍ଷୟକ୍ଷତି ଆକଳନ ଉପରେ ନିର୍ଭର କରି ଗୋଟିଏ ଦୋକାନ ବା ଦୋକାନ-ଓ- ବାସଗୃହ ପାଇଁ ୧୫ ହଜାରରୁ ୪୦ହଜାର ଟଙ୍କା

୫. ଗୋଟିଏ କ୍ଷତିଗ୍ରସ୍ତ ସାଇକେଲ୍ ପିଛା ୨ ହଜାର ଟଙ୍କା

୬. ସ୍କୁଲ୍, କ୍ଲିନିକ୍, ହଷ୍ଟେଲ୍ ବା ହସ୍ପିଟାଲ୍ ଭଳି ସର୍ବସାଧାରଣ ସଂସ୍ଥା କ୍ଷତିଗ୍ରସ୍ତ ହୋଇଥିଲେ ଗୋଟିଏ ସଂସ୍ଥାକୁ ନିର୍ମାଣ ସହାୟତା ୨ଲକ୍ଷ ଟଙ୍କା

## ଚଳିତ ପର୍ଯ୍ୟାୟର ଗଣ୍ଡଗୋଳ (ଅଗଷ୍ଟ/ସେପ୍ଟେମ୍ବର ୨୦୦୮) ପାଇଁ ଉପରୋକ୍ତ ପ୍ରାପ୍ୟସମୂହ (କ୍ର.ସଂ. ୨ ରୁ ୬) ମଧ୍ୟ ପ୍ରଯୁଜ୍ୟ

୧. ମୃତକଙ୍କର ଘନିଷ୍ଠ ଆତ୍ମୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା- ଜଣପିଛା ୨ଲକ୍ଷ ଟଙ୍କା

୨. ସ୍ୱତନ୍ତ୍ର ପ୍ରଶାସକଙ୍କୁ ନିଯୁକ୍ତି

୩. ଓ.ଏ.ଏସ୍. ଅଫିସର୍‌ମାନଙ୍କୁ ମୁତୟନ

୪. କ୍ଷତିଗ୍ରସ୍ତ ଧାର୍ମିକ ସ୍ଥଳ ପାଇଁ କ୍ଷତି ଭରଣା

(Source: Dept of Revenue and Disaster Management, Govt of Orissa

http://www.orissa.gov.in/revenue/kandhamal/Kandhamal.htm)

## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ

**No.IVF (M)-2/2008- 48165/R&DM, Date 15.11.2008**

**ପ୍ରେରକ,**
**ଜି.ଭି.ଭି. ଶର୍ମା,**
**ସରକାରଙ୍କ କମିଶନର୍-ସଚିବ**

**ପ୍ରାପ୍ତେଷୁ ,**
**ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍, କନ୍ଧମାଳ**

**ବିଷୟ- ନିକଟ ଅତୀତର ହିଂସାକାଣ୍ଡ କାରଣରୁ କନ୍ଧମାଳ ଜିଲ୍ଲାରେ ଚର୍ଚ୍ଚ ଓ ଅନ୍ୟାନ୍ୟ ଧାର୍ମିକ ସ୍ଥଳକୁ ଘଟିଥିବା କ୍ଷୟକ୍ଷତିର ପ୍ରସ୍ତାବିତ ଆକଳନ**

**ମହାଶୟ,**
ଉପରୋକ୍ତ ବିଷୟ ଉପରେ ସରକାରଙ୍କ ଗୃହବିଭାଗର ପ୍ରମୁଖ ସଚିବଙ୍କୁ ସମ୍ବୋଧିତ ହୋଇଥିବା ପତ୍ରସଂଖ୍ୟା No. 1533 /Emg. Dtd.27.10.2008 ସଂବନ୍ଧରେ ମୁଁ ନିର୍ଦ୍ଦେଶିତ ହୋଇ ଆପଣଙ୍କ ଦ୍ୱାରା ଉତ୍ଥାପିତ ହୋଇଥିବା ପ୍ରସଙ୍ଗଗୁଡ଼ିକ ଉପରେ ନିମ୍ନମତେ ସରକାରଙ୍କ ନିଷ୍ପତ୍ତି ଜଣାଉଛି :

୧. **'ଚର୍ଚ୍ଚ ଓ ଅନ୍ୟାନ୍ୟ ଧାର୍ମିକ ସ୍ଥଳସମୂହ'** ଭିତରେ ଅନ୍ତର୍ଭୁକ୍ତ ରହିବ ଚର୍ଚ୍ଚସମୂହ, ପ୍ରାର୍ଥନା ଗୃହସମୂହ, ମନ୍ଦିରସମୂହ, ମସ୍‌ଜିଦ୍ ସମୂହ, ଗୁରୁଦ୍ୱାରସମୂହ, ବୁଦ୍ଧବିହାରସମୂହ, ଜୈନ ମନ୍ଦିରସମୂହ, ଆଦିବାସୀ ପ୍ରାର୍ଥନା ଗୃହସମୂହ ଇତ୍ୟାଦି ଏବଂ ତା ଭିତରେ ମଧ୍ୟ ଅନ୍ତର୍ଭୁକ୍ତ ରହିବ ନନ୍ ତାଲିମ୍ ପ୍ରତିଷ୍ଠାନ, ଫାଦର୍ ତାଲିମ୍ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ଧର୍ମର ସମଦୃଶ ଅନୁଷ୍ଠାନସମୂହ ।

୨. ସଂପୃକ୍ତ ଅନୁଷ୍ଠାନର ପୁନଃନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ଅର୍ଥରାଶିର ନିର୍ଦ୍ଧାରଣ ପାଇଁ ଆକଳନ ଅନୁଷ୍ଠିତ ହେବ । ସୁତରାଂ ସ୍ଥାନୀୟ ଅଞ୍ଚଳର ପୀଡିତ ଗୋଷ୍ଠୀର ବ୍ୟକ୍ତିମାନଙ୍କୁ ଯଥୋଚିତ ଭାବେ ଅବହିତ କରାଇବା ସହିତ ସଂପୃକ୍ତ ଇଲାକାଗୁଡିକର ରାଜସ୍ୱ ନିରୀକ୍ଷକମାନଙ୍କ ସମେତ ସରକାରୀ ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଗୋଷ୍ଠୀ ଦ୍ୱାରା ଏକ ମିଳିତ ଆକଳନ ଆରମ୍ଭ ହେବା ଉଚିତ୍ ।

୩. ଦଙ୍ଗା ସମୟରେ ଯେଉଁସବୁ ଅସ୍ଥାବର ସମ୍ପତ୍ତି କ୍ଷତିଗ୍ରସ୍ତ ବା ଦଗ୍ଧୀଭୂତ ହୋଇଛି, ସରକାର ତହିଁର କ୍ଷତିଭରଣା କରିବେ ନାହିଁ, କାରଣ ଏହି ପର୍ଯ୍ୟାୟରେ ତହିଁର ବାସ୍ତବ ଆକଳନ କରିବାରେ ଅସୁବିଧାମାନ ରହିଛି ।

୪.	କ୍ଷତିଗ୍ରସ୍ଥ ଅନୁଷ୍ଠାନଗୁଡିକ ସରକାରୀ ଜମି, ଜଙ୍ଗଲ ଜମି ବା ଘରୋଇ ଜମି ଭିତରୁ ଯେ କୌଣସି ପ୍ରକାର ଜମି ଉପରେ ଅବସ୍ଥିତ ହୋଇଥିଲେ ବି ସେଗୁଡିକ ଆକଳନର ପରିସରଭୁକ୍ତ ହେବ । କିନ୍ତୁ ଅର୍ଥରାଶି ନିର୍ଗମନ ହେବା ପୂର୍ବରୁ ସଂପୃକ୍ତ ଅନୁଷ୍ଠାନଗୁଡିକର ପ୍ରତିନିଧିମାନଙ୍କୁ ଏକ ଅଙ୍ଗୀକାର ପ୍ରଦାନ କରିବାକୁ ପଡିବ ଯେ, ଯଦି ପ୍ରଚଳିତ କୌଣସି ବିଧିବିଧାନ ଅନୁଯାୟୀ ସଂପୃକ୍ତ ଜମି ଆପତ୍ତିଜନକ ହୋଇଥାଏ, ତେବେ ସେମାନେ ଆପତ୍ତିଶୂନ୍ୟ ସ୍ଥାନରେ ଗୃହର ପୁନଃନିର୍ମାଣ କରିବେ ।

୫.	ଆପଣଙ୍କୁ ଦେଖିବାକୁ ପଡିବ, କ୍ଷୟକ୍ଷତିର ଆକଳନକୁ ଯେପରି ନିମ୍ନମତେ ବର୍ଗୀକରଣ କରାଯାଏ -

**ପ୍ରାର୍ଥନା ଗୃହସମୂହ-**

(ଏ)	ସଂପୂର୍ଣ୍ଣ କ୍ଷତିଗ୍ରସ୍ଥ, କ୍ଷତିପୂରଣ ୫୦,୦୦୦ ଟଙ୍କା

(ବି)	ଗୁରୁତର କ୍ଷତିଗ୍ରସ୍ଥ, କ୍ଷତିପୂରଣ ୨୦,୦୦୦ଟଙ୍କା

(ସି)	ଆଂଶିକ କ୍ଷତିଗ୍ରସ୍ଥ, କ୍ଷତିପୂରଣ ୧୦,୦୦୦ ଟଙ୍କା

**ଚର୍ଚ୍ଚସମୂହ-**

(ଏ)	ଗୁରୁତର କ୍ଷତିଗ୍ରସ୍ଥ ପାଇଁ ୨ ଲକ୍ଷ ଟଙ୍କା

(ବି)	ଆଂଶିକ କ୍ଷତିଗ୍ରସ୍ଥ ପାଇଁ ୧ ଲକ୍ଷ ଟଙ୍କା

ସୁତରାଂ ଆପଣଙ୍କୁ ଅନୁରୋଧ କରାଯାଉଛି ଯେ, ଉପରୋକ୍ତ ମତେ କ୍ଷୟକ୍ଷତି ଆକଳନ କରିବା ଦିଗରେ ଆପଣ ଅଗ୍ରସର ହେବେ ଏବଂ ଯେମିତି ହେଲେ ୨୫ ନଭେମ୍ବର ୨୦୦୮ ପୂର୍ବରୁ ଯଥାଶୀଘ୍ର ସଂପୂର୍ଣ୍ଣ ଆକଳନ ବିଷୟରେ ଅବଗତ କରାଇବେ ।

**ଆପଣଙ୍କର ବିଶ୍ୱସ୍ତ,**

**ସ୍ୱା/ ମୁଖ୍ୟ ଶାସନ ସଚିବ, ଓଡିଶା**

ମେମୋ ସଂଖ୍ୟା- ୪୮୧୬୬/ଆର୍. ଏଣ୍ଡ ଡି.ଏମ୍. ତା ୧୫.୧୧.୨୦୦୮- ଏହାର ଏକକିତା ନକଲ ସରକାରଙ୍କ ଗୃହବିଭାଗର ପ୍ରମୁଖ ସଚିବଙ୍କ ଅବଗତି ପାଇଁ ପ୍ରେରଣ କରାଗଲା ।

**ସ୍ୱା- ସରକାରଙ୍କ ଉପ-ସଚିବ**